# QUESTION BANK FOR THE YEAR – 2020 – 2021

## [ CLASS – 4 ]

# ODIA

## [CHAPTER – 1]

## ଜନମଭୂଇଁ (ପ୍ରଶ୍ନମାଳା)

୧. **ପ୍ରତିଶବ୍ଦ ଲେଖ :-**

| | | |
|---|---|---|
| ଜନନୀ | - | ମାତା |
| ବିମଳ | - | ନିର୍ମଳ |
| ଜୋଛନା | - | ଚନ୍ଦ୍ରକିରଣ |
| ମିଠା | - | ମଧୁ |
| ପକ୍ଷୀ | - | ବିହଗ |
| ଜହ୍ନ | - | ଶଶୀ |

୨. **'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଶବ୍ଦ ମିଳନ କର :-**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗହନ | ବନ |
| ମଧୁର | ଗାନ |
| ଶ୍ୟାମଳ | ତରୁ |
| ନୀଳ | ସାଗର |
| ଗହଳ | ଲତା |

୩. **ଶବ୍ଦଗୁଡ଼ିକ ଗୀତରେ ଲେଖାଯାଇଛି ତାହାକୁ କଥାରେ ଲେଖ :-**

| | | |
|---|---|---|
| ଜନମ | - | ଜନ୍ମ |
| ପରାଣ | - | ପ୍ରାଣ |
| ଜୋଛନା | - | ଜ୍ୟୋତ୍ସ୍ନା |
| ସେନେହ | - | ସ୍ନେହ |

୪. **'କ' ସ୍ତମ୍ଭରେ କେତେଗୁଡ଼ିଏ ଶବ୍ଦ ଅଛି ଏବଂ 'ଖ' ସ୍ତମ୍ଭରେ ତାହାର ରଙ୍ଗ ମିଳା ।**

| 'କ' | 'ଖ' |
|---|---|
| ସାଗର | ନୀଳ |
| ଗୋଲାପ | ଲାଲ |
| ପତ୍ର | ସବୁଜ |
| କେଶ | କଳା |
| ମାଟି | ମାଟିଆ |

**୫. ତଳଲିଖିତ ବାକ୍ୟଗୁଡ଼ିକରେ କେତୋଟି ଭୁଲ ଅଛି ସଂଶୋଧନ କର :-**

(କ) ଗଜପତି ରାଜା ପୁରୁଷୋତ୍ତମ ଦେବ ପଦ୍ମାବତୀଙ୍କୁ ବିବାହ କରିଥିଲେ ।

(ଖ) ନଈରେ ବନ୍ୟା ପାଣି ଖୁବ୍ ସୁଅରେ ଛୁଟିଛି ।

(ଗ) ରାମ ପାଖ ବଜାରରୁ ଏକ କିଲୋ ଇଲିଶି ମାଛ ଆଣିଲା ।

(ଘ) କର୍ମ ହିଁ ଭଗବାନ ।

**୬. ବାକ୍ୟଗଠନ :-**

| | | |
|---|---|---|
| ଗହନ | - | ଗହନ ବନରେ ବାଘ ରୁହେ । |
| ଜନନୀ | - | ମୋ ଜନନୀ ମୋତେ ବହୁତ ସ୍ନେହ କରନ୍ତି । |
| ଲତା | - | କୋଠା ଉପରେ ଲତା ଗଛ ସବୁ ମାଡ଼ିଛି । |
| ଗହଳ | - | ବାଲିଯାତ୍ରା ଗହଳ ଭିତରେ ପିଲାଟି ହଜିଗଲା । |
| ଗାନ | - | ପ୍ରତି ଶୁକ୍ରବାର ଆମ ସ୍କୁଲରେ ଜାତୀୟ ସଙ୍ଗୀତ ଗାନ କରାଯାଏ । |
| କୁସୁମ | - | ବଗିଚାରେ ନାନା ପ୍ରକାର କୁସୁମ ଫୁଟିଛି । |
| ଲହରୀ | - | ସମୁଦ୍ରରେ ବହୁତ ଜୋର୍‌ରେ ଲହରୀ ଆସୁଛି । |
| ଚରଣ | - | ଶିଷ୍ୟଟି ଗୁରୁଙ୍କ ଚରଣ ଛୁଇଁ ପ୍ରଣାମ କଲା । |
| ଜୀବନ | - | ଜୀବନରେ ନାନା ସୁଖ ଦୁଃଖ ଆସିଥାଏ । |
| କାମନା | - | ପିତାମାତା ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବା ପାଇଁ କାମନା ରଖନ୍ତି । |

**୭. ଶୂନ୍ୟସ୍ଥାନ ପୂରଣ କର :-**

(କ) ଜନମଭୂଇଁ ଆମକୁ ଜନନୀ ପରି ପାଳୁଛି ।

(ଖ) ଆକାଶରେ ତାରକା ଶୋଭା ପାଏ ।

(ଗ) ସାଗରରେ ଲହରୀମାଳ ଦେଖାଯାଏ ।

(ଘ) ଜନ୍ମଭୂମିର ସୁଖ ଆମର କାମନା ।

**୮. ଉତ୍ତର ଲେଖ :-**

(କ) ଆମ ଦେଶର ନାମ ଲେଖ ।

ଉତ୍ତର:- ଆମ ଦେଶର ନାମ ଭାରତ ।

(ଖ) ଜନ୍ମଭୂମିର କେଉଁ ସବୁ ଶୋଭା ଆମକୁ ଭଲ ଲାଗେ ?

ଉତ୍ତର :- ଜନ୍ମଭୂମିର ଗହନବନ, ଗହଳ ଲତା, ନୀଳ ସାଗର, ପକ୍ଷୀର ମଧୁରଗାନ ଓ ଆକାଶର ଜହ୍ନ ତାରା ଏବହି ସବୁ ଶୋଭା ଆମକୁ ଭଲ ଲାଗେ ।

(ଗ) ଆମେ ଦେଶର ସଭିଙ୍କୁ ଭାଇ ଭଉଣୀ ବୋଲି କାହିଁକି ଭାବିବା ?

ଉତ୍ତର :- ଜନ୍ମଭୂମି ଆମର ମା' ଓ ଆମେ ସମସ୍ତେ ତାର ସନ୍ତାନ ହୋଇଥିବାରୁ ଦେଶର ସଭିଙ୍କୁ ଆମେ ଭାଇ ଭଉଣୀ ବୋଲି ଭାବିବା ।

(ଘ) ଜନ୍ମଭୂମି କାହିଁକି ସବୁଠାରୁ ପ୍ରିୟ ?

ଉତ୍ତର :- ସେ ଆମକୁ ଖାଇବାକୁ, ପିଇବାକୁ ଦେଇ ଆମର ସବୁ ଅଳି, ଅଝଟକୁ ସହି ମା' ପରି ପାଳୁଛି । ସେଥିପାଇଁ ଜନ୍ମଭୂମି ଆମର ସବୁଠୁ ପ୍ରିୟ ।

(ଙ) ଆମ ଜନ୍ମଭୂମିର ଚରଣ କିପରି ଧୁଆ ହୁଏ ?

ଉତ୍ତର : - ସମୁଦ୍ରର ନୀଳ ଲହରୀମାଳ ଯେତେବେଳେ ନାଚି ନାଚି ଆସି କୂଳରେ ଥିବା ମାଟିକୁ ଓଦା କରିଦିଏ ସେତେବେଳେ ଆମ ଜନ୍ମଭୂମିର ଚରଣ ଧୁଆ ହେବା ପରି ଲାଗେ ।

(ଚ) ଜନ୍ମଭୂମୀର ସୁନାମ ପାଇଁ ଆମେ କ'ଣ କରିପାରିବା ?

ଉତ୍ତର :- ଆମେ କାହା ପାଖକର ହାତ ନ ପତାଇ ନିଜ ପରିଶ୍ରମରେ ଭଲ କାମ କରି ଜନ୍ମଭୂମିର ସୁନାମ ବଢ଼ାଇବା ଦରକାର ପଡ଼ିଲେ ଜନ୍ମଭୂମି ପାଇଁ ନିଜ ଜୀବନ ଦେବାକୁ ମଧ ପଛେଇବା ନାହିଁ ।

# [CHAPTER – 2]

## ଜହ୍ନ ଧରିବା ଆସ

**୧. ଶୂନ୍ୟସ୍ଥାନ ପୂରଣ କର :-**

(କ) ମାଙ୍କଡ଼ମାନେ <u>ପୋଖରୀ</u>ରେ ଜହ୍ନ ଦେଖିଲେ ।

(ଖ) ମାଙ୍କଡ଼ମାନେ ଯୋଜନା କରୁଥିବା ବେଳେ <u>କୁମ୍ଭୀର</u> ସେମାନଙ୍କ କଥା ଚୁପ୍‌ଚୁପ୍ ଶୁଣୁ ଥିଲା ।

(ଗ) ମାଙ୍କଡ଼ମାନେ ଜହ୍ନ ଧରିବା ପାଇଁ <u>ଯୋଜନା</u> କଲେ ।

(ଘ) ଜଣେ ଅନ୍ୟ ଜଣଙ୍କ ହାତ ଧରାଧରି ହୋଇ ଲଟକୁଥିବା ବେଳେ <u>ଡାଳ</u>ଟି ଭାଙ୍ଗି ପଡ଼ିଲା ।

(ଙ) ମାଙ୍କଡ଼ଟିଏ କୋଡ଼ରୀ ଭିତରକୁ <u>କୁଦା</u> ମାରିଲା ।

**୨. ବନାନ ଭୁଲ ଅଛି । ଠିକ୍ କରି ଲେଖ ।**

(କ) ଯହ୍ନ - ଜହ୍ନ

(ଖ) ଜୋଜନା - ଯୋଜନା

(ଗ) ପୋଖୋରି- ପୋଖରୀ

(ଘ) କୁମ୍ଭିର - କୁମ୍ଭୀର

(ଙ) ମାଙ୍କଡ଼ - ମାଙ୍କଡ଼

**୩. ଶୂନ୍ୟସ୍ଥାନ କୂରଣ କରି ଶବ୍ଦ ଗଢ଼ :-**

ଉଦ୍ୟାନ

ମୂଲ୍ୟ

ଅସହ୍ୟ

ସତ୍ୟ

ବାଦ୍ୟ

ସୈନ୍ୟ

ଅଭ୍ୟାସ

**୪. ଶବ୍ଦଗୁଡ଼ିକୁ ସଜାଡ଼ି ଲେଖ :-**

(କ) ରମ୍ଭୀକୁ - କୁମ୍ଭୀର

(ଖ) ଡ଼ମାଙ୍କ - ମାଙ୍କଡ଼

(ଗ) ରମ୍ବାରବା - ବାରମ୍ବାର

(ଘ) ନାଯୋଜ - ଯୋଜନା

(ଙ) ପାଉୟ - ଉପାୟ

**୫. ବାକ୍ୟଗୁଡ଼ିକୁ ସଂଶୋଧନ କର ।**

(କ) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି ।

(ଖ) ପାଚିଲା ଆମ୍ବ ଖାଇବାକୁ ମିଠା ଲାଗେ ।

(ଗ) ପିଲାମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଆନ୍ତି ।

(ଘ) ଲେମ୍ବୁ ଖାଇବାକୁ ଖଟା ଲାଗେ ।

(ଙ) ରାବଣ ଲଙ୍କାର ରାଜା ଥିଲେ ।

(ଚ) ବଢ଼େଇ କାଠ କାମ କରେ ।

(ଛ) ଟଗର ଫୁଲର ରଙ୍ଗ ଧଳା ।

(ଜ) ବଢ଼େଇ ଚୌକି ତିଆରି କରେ ।

(ଝ) ଆକାଶର ରଙ୍ଗ ନୀଳ ।

**୬. ବାକ୍ୟଗଠନ କର :-**

ଜୁଡୁବୁଡୁ - ପିଲାଟି ବର୍ଷାରେ ଜୁଡୁବୁଡୁ ଓଦା ହୋଇଛି ।

ଚୁପ୍‌ଚୁପ୍ - ବିଲେଇଟି ମୂଷା ଖାଇବା ପାଇଁ ଚୁପ୍ ଚୁପ୍ ଆସିଲା ।

ଯୋଜନା - ବର୍ଷା ହେବାରୁ ଆମର ଯୋଜନା ଭଣ୍ଡୁର ହୋଇଗଲା ।

ଚୁପ୍‌ଚାପ - ଶ୍ରେଣୀରେ ଚୁପ୍‌ଚାପ ବସିବା ଉଚିତ୍ ।

ଛୁ ମାରିବା- ରାମର ଅଭ୍ୟାସ ହେଲା ମିଛ କହି ଛୁ ମାରିବା ।

**୭. ବିପରୀତ ଅର୍ଥ :-**

ପାଖ - ଦୂର

ଇଚ୍ଛା - ଅନିଚ୍ଛା

ସ୍ଥିର - ଅସ୍ଥିର

ଭଲ - ମନ୍ଦ

**୮. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :-**

(କ) ମାଙ୍କଡ଼ମାନେ ଜହ୍ନ କେଉଁଠି ଦେଖିଲେ ?

ଉତ୍ତର :- ମାଙ୍କଡ଼ମାନେ ପୋଖରୀ ଭିତରେ ଜହ୍ନକୁ ଦେଖିଲେ ।

(ଖ) ସେମାନେ ଜହ୍ନକୁ ଧରିବାର କି ଉପାୟ ପାଞ୍ଚିଲେ ?

ଉତ୍ତର :- ସେମାନେ ଜଣେ ଜଣଙ୍କର ହାତ ଧରାଧରି ହୋଇ ଗଛରୁ ଲଟକିବେ ଓ ଚୁପ୍‌ଚାପ୍ ଜହ୍ନକୁ ଧରିପକାଇବେ ।

(ଗ) ଜହ୍ନ ପାଣି ଭିତରୁ କିପରି ଛୁ ମାରିଲା ?

ଉତ୍ତର :- ଜଣେ ମାଙ୍କଡ଼ ଜହ୍ନକୁ ଆଗ ଧରିବା ପାଇଁ ବ୍ୟସ୍ତ ହୋଇ ପାଣି ଭିତରକୁ କୁଦା ମାରିବାରୁ ଜହ୍ନ ପାଣି ଭିତରୁ ଛୁ ମାରିଲା ।

(ଘ) ସେମାନେ ଗଛରୁ କାହିଁକି ଲଟକିଲେ ?

ଉତ୍ତର :- ସେମାନେ ପୋଖରୀ ଭିତରୁ ଜହ୍ନକୁ ଧରିବା ପାଇଁ ହାତ ଧରାଧରି ହୋଇ ଗଛରୁ ଲଟକିଲେ ।

(ଙ) ମାଙ୍କଡ଼ମାନେ କୁମ୍ଭୀରଠାରୁ କିପରି ରକ୍ଷା ପାଇଲେ ?

ଉତ୍ତର :- ସେମାନେ ପାଣି ଭିତରୁ ପକଖପାକ୍ ହୋଇ ଗଛ ଉପରକୁ ଉଠିଯାଇ କୁମ୍ଭୀରଠାରୁ ରକ୍ଷା ପାଇଲେ ।

# *QUESTION BANK (SECOND TERMINAL)*

## STD-IV

## SUBJECT : ODIA

---

### ତୁମ ପରି ଛୋଟ ପିଲାଟିଏ

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

**(କ) ପିଲାଟି ସେଦିନ ଚାହାଳିରେ କାହିଁକି ଡେରିରେ ପହଞ୍ଚିଲା ?**

ଉ. ଝଡ଼ି ବର୍ଷା ଛାଡ଼ିଲା ପରେ ପିଲାଟି ପାଠ ପଢ଼ିବାକୁ ଯାଉ ଯାଉ ବାଟରେ ତା'ର ଗୋଡ଼ ଖସିଯିବାରୁ ସେ ମୁହଁ ମାଡ଼ି ପଡ଼ିଗଲା, ତେଣୁ ପିଲାଟି ସେଦିନ ଚାହାଳିରେ ଡେରିରେ ପହଞ୍ଚିଲା ।

**(ଖ) ଗୁରୁ ତାକୁ ଦେଖି କ'ଣ କହିଲେ ?**

ଉ. ଗୁରୁ ତାକୁ ଦେଖି ତା'ର ଏପରି କେମିତି ହେଲା, ତାକୁ ଏମିତି କିଏ କଲା ବୋଲି ପଚାରିଲେ ।

**(ଗ) ସେ ସେଥର ପୂଜା ଛୁଟି କିପରି କଟାଇଲା ?**

ଉ. ସେ ସେଥର ପୂଜା ଛୁଟିରେ ସାଙ୍ଗ ସାଥୀମାନଙ୍କୁ ଏକାଠି କରି ବାଲି, ଗୋଡ଼ି, ମାଟି ପକାଇ ଗାଁ ଦାଣ୍ଡ ସମାନ କଲା ।

**(ଘ) ଗୁରୁ ଚାଟ ସଭା କାହିଁକି ଡକାଇଲେ ?**

ଉ. ଗୁରୁ ଚାଟ ସଭା ଡକାଇ ପିଲାମାନଙ୍କୁ ଏଭଳି ଭଲ କାମ କରିବାକୁ ଉତ୍ସାହିତ କରି ଭଲ ମଣିଷ ହେବାକୁ କହିଲେ ।

**(ଙ) ବଡ଼ ହୋଇ ସେହି ପିଲାଟି କିପରି ଯଶ ଅର୍ଜନ କଲା ?**

ଉ. ବଡ଼ ହୋଇ ସେହି ପିଲାଟି ଦେଶ ଓ ଜାତି ପାଇଁ ଅନେକ କାମ କରି ମଧୁ ବାରିଷ୍ଟର ନାମରେ ଯଶ ଅର୍ଜନ କଲେ ।

**(ଚ) ମଧୁବାବୁ ଜାତିକୁ କ'ଣ କହିଲେ ?**

ଉ. ମଧୁବାବୁ ଜାତିକୁ ପୂର୍ବପୁରୁଷଙ୍କ ବୀରତ୍ୱ ଓ ଗୌରବ କଥା ମନେପକାଇ ପ୍ରତ୍ୟେକ ଓଡ଼ିଆଙ୍କୁ ଅଳସୁଆ ନ ହୋଇ ସେମାନଙ୍କର ପଥ ଅନୁସରଣ କରି ଆଗେଇ ଯିବାକୁ କହିଥିଲେ ।

**(ଛ) ଓଡ଼ିଆଙ୍କ ମନରେ ମଧୁବାବୁ କାହିଁକି ଅମର ରହିବେ ?**

ଉ. ମଧୁବାବୁ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ନିଜ ମାତୃଭାଷା ଜାତିକୁ ଭଲ ପାଇବା ଓ ଓଡ଼ିଶାର ମାନ ବଢ଼ାଇବା କଥା କହି ସମସ୍ତଙ୍କ ମନରେ ଅମର ହୋଇ ରହିଛନ୍ତି ।

## ଶ୍ରବଣ କୁମାର

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**(କ) ବଣରେ କିଏ ରହୁଥିଲେ ?**

ଉ. ବଣରେ ଜଣେ ଋଷି ରହୁଥିଲେ।

**(ଖ) ଅଯୋଧ୍ୟାର ରାଜା କିଏ ଥିଲେ ? ସେ ବଣକୁ କାହିଁକି ଯାଇଥିଲେ ?**

ଉ. ଅଯୋଧ୍ୟାର ରାଜା ଦଶରଥ ଥିଲେ। ସେ ବଣକୁ ଶିକାର କରିବାକୁ ଯାଇଥିଲେ।

**(ଗ) ଶ୍ରବଣ କାହାର ପୁଅ ଥିଲେ ?**

ଉ. ବଣରେ ରହୁଥିବା ଅନ୍ଧ ଋଷି ଓ ସ୍ତ୍ରୀ ଅନ୍ଧୁଣୀଙ୍କର ଶ୍ରବଣ କୁମାର ପୁଅ ଥିଲେ।

**(ଘ) ଶ୍ରବଣ କାହିଁକି ବାପା ମାଆଙ୍କର ଖୁବ୍ ସେବା କରୁଥିଲେ ?**

ଉ. ବାପା, ମା' ଅନ୍ଧ, ଅନ୍ଧୁଣୀ ଥିବାରୁ ଏବଂ ସେ ସେମାନଙ୍କର ଗୋଟିଏ ବୋଲି ପୁଅ ଥିବାରୁ ଶ୍ରବଣ କୁମାର ବାପା ମାଆଙ୍କର ଖୁବ୍ ସେବା କରୁଥିଲେ।

**(ଙ) ସେ ତା' ବାପା ମାଆଙ୍କୁ କିପରି ତୀର୍ଥସ୍ଥାନ ଦେଖାଇ ନେଉଥିଲା ?**

ଉ. ଶ୍ରବଣ କୁମାର ତା' ବାପା ମାଆଙ୍କୁ ଭାରରେ ବସାଇ ବୋହି ବୋହି ତୀର୍ଥସ୍ଥାନ ସବୁ ବୁଲାଇ ଦେଖାଇ ନେଉଥିଲା।

**(ଚ) ଦଶରଥ କିପରି ଶ୍ରବଣ କୁମାରକୁ ମାରିଲେ ? କାହିଁକି ?**

ଉ. ଦଶରଥ ଶର ଦ୍ୱାରା ଶ୍ରବଣ କୁମାରକୁ ମାରିଲେ। ଯେତେବେଳେ ରାଜା ଦଶରଥ ବଣକୁ ଶିକାର କରିବାକୁ ଯାଇଥିଲେ ସେତେବେଳେ ମାଠିଆରେ ପାଣି ପଶିବା ଶବ୍ଦ ଶୁଣି ସେ ଭାବିଲେ ଗୋଟିଏ ଜନ୍ତୁ କିଏ ପାଣି ପିଉଛି। ତେଣୁ ସେ ସାଙ୍ଗେ ସାଙ୍ଗେ ଶର ମାରି ଦେଇଥିଲେ ଯାହାଦ୍ୱାରା କି ତାହା ଯାଇ ଶ୍ରବଣ କୁମାରଙ୍କ ଦେହରେ ବାଜିଲା।

**(ଛ) ମଲା ପୂର୍ବରୁ ଶ୍ରବଣ କୁମାର ଦଶରଥଙ୍କୁ କ'ଣ କରିବାକୁ କହିଲା ?**

ଉ. ମଲା ପୂର୍ବରୁ ଶ୍ରବଣ କୁମାର ଦଶରଥଙ୍କୁ କହିଲେ, ତୁମେ ଶୀଘ୍ର ପାଣି ନେଇ ମୋ ବାପା ମା'ଙ୍କୁ ଦିଅ, ତାଙ୍କୁ ଭାରି ଶୋଷ କରୁଛି, ପାଣି ନ ପିଇଲେ ମୋ ସହିତ ସେମାନେ ମଧ୍ୟ ମରିଯିବେ।

**(ଜ) ଅନ୍ଧ ଋଷି ଦଶରଥଙ୍କୁ କି ଅଭିଶାପ ଦେଲେ ?**

ଉ. ଅନ୍ଧ ଋଷି ଦଶରଥଙ୍କୁ ଦେଇଥିବା ଅଭିଶାପଟି ହେଲା, ତୁମେ ଆମ ପୁଅକୁ ମାରିଦେଲ, ତାକୁ ନ ଦେଖି ଆମେ ଝୁରି ଝୁରି ମରିବୁ। ତୁମେ ମଧ୍ୟ ସେହିପରି ବୁଢ଼ାବେଳେ ତୁମ ପୁଅକୁ ନ ଦେଖି ଝୁରି ଝୁରି ମରିବ।



## ଚାଷୀ ଠାରୁ ଦୁନିଆରେ ବଡ଼ ଆଉ କିଏ ରେ

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**(କ) ଦୁନିଆକୁ କିଏ ଆହାର ଯୋଗାଏ ?**

ଉ. ଦୁନିଆକୁ ଚାଷୀ (କୃଷକ) ଆହାର ଯୋଗାଏ।

**(ଖ) ଚାଷ କିପରି କରାଯାଏ ?**

ଉ. ଚାଷୀ କ୍ଷେତରେ ହଳ ବୁଲାଇ ମାଟିକୁ ସଜାଡ଼େ, ସାର ଦେଇ ବିହନ ବୁଣେ, ଉଚିତ ସମୟରେ ପାଣି ଦେଇ ଚାଷ କରିଥାଏ।

**(ଗ) କିଆରିର ଫସଲ କିପରି ଥାଏ ?**

ଉ. କିଆରିରେ ଫସଲ ଧାଡ଼ି ଧାଡ଼ି ହୋଇ ଲଗାଯାଇଥାଏ। ଗଛ ଉଠି, ଫୁଲ ଫୁଟି ସୁନ୍ଦର ଦେଖାଯାଏ ଓ ବିଭିନ୍ନ ପ୍ରକାର ଫସଲରେ କିଆରି ହସିଉଠେ।

**(ଘ) ଫସଲ କିପରି ଅମଳ କରାଯାଏ ?**

ଉ. ଫସଲ ସବୁ ପାକଳ ହେଲାପରେ ତାକୁ ଗୋଛାଗୋଛା କରି କାଟି ଖଳାରେ ଜମା କରି ଫସଲ ଅମଳ କରାଯାଏ।

**(ଙ) ଫସଲ ଅମଳ ପରେ କିପରି ଗହଳଚହଳ ହୁଏ ?**

ଉ. ଫସଲ ଅମଳ ପରେ ଲୋକେ ଆନନ୍ଦରେ ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି, ତେଣୁ ଭୋଜିଭାତ ସହ ଗହଳଚହଳ ଲାଗିରହେ।

**(ଚ) ଚାଷୀକୁ କାହିଁକି ଦୁନିଆରେ ବଡ଼ ବୋଲି କୁହାଯାଇଛି ଲେଖ ।**

ଉ. ଆମେ ସମସ୍ତେ ବଞ୍ଚିବା ପାଇଁ ଆହାର ଖାଉ। ଚାଷୀ ଖରା ବର୍ଷାକୁ ଖାତିର ନ କରି ସମସ୍ତଙ୍କୁ ଆହାର ଯୋଗାଇଥାଏ। ତେଣୁ ଚାଷୀକୁ ଦୁନିଆରେ ବଡ଼ ବୋଲି କୁହାଯାଇଛି।

## ରାଜା ଓ ଡାଳିମ୍ବ ବଗିଚା

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**(କ) ରାଜା ନିଜ ରାଜ୍ୟରେ କିପରି ବୁଲୁଥିଲେ ?**

ଉ. ରାଜା ଘୋଡ଼ାରେ ଚଢ଼ି ନିଜ ରାଜ୍ୟରେ ବୁଲୁଥିଲେ।

**(ଖ) ରାଜାଙ୍କୁ ଶୋଷ ହେଉଥିବାରୁ ରାଜା କ'ଣ କଲେ ?**

ଉ. ରାଜାଙ୍କୁ ଶୋଷ ହେଉଥିବାରୁ ସେ ଡାଳିମ୍ବ ବଗିଚାର ମାଳୀକୁ ଡାଳିମ୍ବ ରସ ପିଇବାକୁ ମାଗିଥିଲେ।

**(ଗ) ରାଜ୍ୟରେ ବୁଲୁଥିବା ସମୟରେ ସେ କ'ଣ ଦେଖିଲେ ?**

ଉ. ରାଜ୍ୟରେ ବୁଲୁଥିବା ସମୟରେ ସେ ବାଟରେ ଡାଳିମ୍ବ ବଗିଚାଟିଏ ଦେଖିଲେ।

**(ଘ) କିଏ ରାଜାଙ୍କୁ କେଉଁ ପାତ୍ରରେ ଡାଳିମ୍ବ ରସ ଦେଇଥିଲେ ?**

ଉ. ଗୋଟିଏ ସୁନ୍ଦରୀ ଝିଅ ମାଟି ପାତ୍ରରେ ଡାଳିମ୍ବ ରସ ଆଣି ରାଜାଙ୍କୁ ଦେଇଥିଲେ।

**(ଙ) ରାଜା ଖୁସି ହୋଇ ମାଳୀକୁ କ'ଣ ପଚାରିଥିଲେ ?**

ଉ. ଡାଳିମ୍ବ ରସ ପିଇ ରାଜା ଖୁସି ହୋଇ ମାଳୀକୁ ପଚାରିଲେ– ତୁମେ ଏ ବଗିଚାର ଡାଳିମ୍ବ ବିକି କେତେ ଲାଭ ପାଅ ?

**(ଚ) ଦ୍ୱିତୀୟଥର ରାଜା ଡାଳିମ୍ବ ରସ କାହିଁ ପଚାରିବାରୁ ମାଳୀ କି ଉତ୍ତର ଦେଇଥିଲା ?**

ଉ. ଦ୍ୱିତୀୟଥର ରାଜା ଡାଳିମ୍ବ ରସ କାହିଁ ପଚାରିବାରୁ ମାଳୀ ଉତ୍ତର ଦେଇଥିଲା ଯେ ମହାରାଜ, ଆପଣ ଯେତେବେଳେ ପ୍ରଥମେ ଡାଳିମ୍ବ ରସ ମାଗିଲେ ସେତେବେଳେ ମନରେ ଡାଳିମ୍ବ ବଗିଚା ପାଇଁ ଲୋଭ ନ ଥିଲା, ଏବେ କିନ୍ତୁ ଆପଣଙ୍କ ମନରେ ଲୋଭ ଥିବାରୁ ଅଳ୍ପ କେତେ ଟୋପା ରସ ବାହାରିଲା।

**(ଛ) ରାଜା କିପରି ନିଜର ଭୁଲ୍ ବୁଝିପାରିଲେ ?**

ଉ. ଯେତେବେଳେ ମାଳୀ କହିଲା– ଆପଣଙ୍କ ମନରେ ଲୋଭ ହେବାରୁ ଡାଳିମ୍ବର ରସ ଶୁଖିଯାଇଛି, ସେତେବେଳେ ରାଜା ନିଜର ଭୁଲ ବୁଝିପାରି ଭାବିଲେ, ମାଳୀ ପାଉଥିବା ଲାଭ ପାଇଁ ଅଧିକ ପାଉଣା ଦାବି କରିବେ ନାହିଁ।

## ମଧୁବାବୁ

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**(କ) ମଧୁବାବୁ କେଉଁ ପାଠ ପଢ଼ିଥିଲେ ?**

ଉ. ମଧୁବାବୁ ଓକିଲାତି ପାଠ ପଢ଼ିଥିଲେ।

**(ଖ) ମଧୁବାବୁ ବାରିଷ୍ଟର ଥିବାବେଳେ ପିଲାମାନେ କ'ଣ ଗାଉଥିଲେ ?**

ଉ. ମଧୁବାବୁ ବାରିଷ୍ଟର ଥିବାବେଳେ ପିଲାମାନେ ଏହି ଗୀତଟି ଗାଉଥିଲେ–

ପାଠ ପଢ଼ିବି, ଓକଲି ହେବି,
କାଳିଆ ଘୋଡ଼ାରେ ଚଢ଼ିବି,
ମଧୁବାବୁ ସଙ୍ଗେ ଲଢ଼ିବି।



**(ଗ) କେନ୍ଦୁଝରର ରାଜାଙ୍କୁ ସେ ସାକ୍ଷାତ୍ କରିବାର ସୁଯୋଗ ଦେଲେନାହିଁ କାହିଁକି ?**

ଉ. କାରଣ ରାଜା ଦେଢ଼ ଘଣ୍ଟା ବିଳମ୍ବରେ ଆସିଥିବା ହେତୁ ସେ ସାକ୍ଷାତ କରିବାର ସୁଯୋଗ ଦେଲେ ନାହିଁ।

**(ଘ) ଦେଢ଼ ଘଣ୍ଟା କାଳ ରାଜା ପଦାରେ ଅପେକ୍ଷା କରି ଶେଷରେ ଡାକରା ପାଇ ଭିତରକୁ ଯାଇ ମଧୁବାବୁଙ୍କ ଠାରୁ କ'ଣ ଶୁଣିଲେ ?**

ଉ. ମଧୁବାବୁ ରାଜାଙ୍କୁ କହିଲେ– ଆପଣ ଦେଢ଼ ଘଣ୍ଟା କାଳ ପଦାରେ ଅପେକ୍ଷା କରିଛନ୍ତି, ଏହା ଆପଣଙ୍କୁ ଖୁବ୍ ବାଧୁଥିବ, ତେବେ କହିଲେ ଦେଖି, ଏ ଘଣ୍ଟାଟିର ଦାମ୍ କେତେ ହେବ ?

**(ଙ) ଘଣ୍ଟାର ମୂଲ୍ୟଠାରୁ ତାଙ୍କ ମୂଲ୍ୟ କମ୍– ଏ କଥା ରାଜା ବୁଝିଲେ କିପରି ?**

ଉ. ଯେତେବେଳେ ମଧୁବାବୁ କହିଲେ– ଛାର ଶହେ ଟଙ୍କିଆ ଘଣ୍ଟାଟା କେନ୍ଦୁଝର ରାଜା ଆସିବେ ବୋଲି ଟିକେ ଅଟକିଲା ନାହିଁ, ମୁଁ ଆପଣଙ୍କୁ ସାକ୍ଷାତ କରିବି ବୋଲି ମୋର ଅନ୍ୟ କାମ ପକାଇ ଅପେକ୍ଷା କରିଥାଆନ୍ତି କାହିଁକି ? ମୋର ମୂଲ୍ୟ କ'ଣ ଶହେ ଟଙ୍କାରୁ କମ୍ ? ସେତେବେଳେ ରାଜା ସମୟର ମୂଲ୍ୟ ବୁଝିପାରିଥିଲେ।

**(ଚ) ରାଜା କିପରି ସମୟର ମୂଲ୍ୟ ବୁଝିପାରି ମନ ଦୁଃଖରେ ଘରକୁ ଫେରିଲେ ?**

ଉ. ଏବେ ଆଉ ଆପଣଙ୍କ ସହିତ କଥାବାର୍ତ୍ତା ହୋଇପାରିବ ନାହିଁ। ପରେ କେବେ ମୋ ସହିତ ସମୟ କରି କଥା ହେବାକୁ ଆସିବେ। ମଧୁବାବୁଙ୍କର ଏହି କଥାରୁ ରାଜା ବୁଦ୍ଧି ଶିଖି ଚୁପ୍‌ଚାପ୍ ହୋଇ ମନ ଦୁଃଖରେ ଘରକୁ ଫେରିଗଲେ।

**(ଛ) ମଧୁବାବୁ ସମୟ ଉପରେ କିପରି ଗୁରୁତ୍ୱ ଦେଉଥିଲେ ?**

ଉ. ମଧୁବାବୁ ସମୟର ମୂଲ୍ୟ ଖୁବ୍ ବେଶୀ ବୋଲି ଜାଣି ଯଥା ସମୟରେ ତାଙ୍କର କାର୍ଯ୍ୟ ସାରୁଥିଲେ।

## କଲୁରୀବେଣ୍ଟ କଥା

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**(କ) କାଉ କଲରା କେଉଁଠି ଦେଖିଲା ?**

ଉ. କାଉ କଲରା ଗୋଟିଏ ବୁଢ଼ୀର ବାଡ଼ିରେ ଦେଖିଲା।

**(ଖ) କାଉକୁ କଲରା ଖାଇବା ପାଇଁ ବୁଢ଼ୀ କ'ଣ ସର୍ତ୍ତ ରଖିଲା ?**

ଉ. କାଉକୁ କଲରା ଖାଇବା ପାଇଁ ବୁଢ଼ୀ ସର୍ତ୍ତ ରଖିଲା ଯେ– ଯା, କୂଅ ପାଣିରେ ଥଣ୍ଟ ଧୋଇ ଆସିବୁ ସେ କଲରା ଖାଇବୁ।

**(ଗ) କୁମ୍ଭାର କାଉକୁ କ'ଣ ମାଗିଲା ?**

ଉ. କୁମ୍ଭାର କାଉକୁ ବିଲରୁ ମାଟି ମାଗିଲା।

**(ଘ) କାଉ ହରିଣକୁ କ'ଣ ମାଗିଲା ?**

ଉ. କାଉ ହରିଣକୁ ତା'ର ଶିଙ୍ଗ ମାଗିଲା।

**(ଙ) କମାର କାଉକୁ କିପରି ସାହାଯ୍ୟ କଲା ?**

ଉ. କମାର କାଉକୁ ଦାଆ ଦେଇ ସାହାଯ୍ୟ କଲା।

**(ଚ) କାଉ ଶେଷରେ କ'ଣ କଲା ?**

ଉ. କାଉ ଶେଷରେ କୂଅ ପାଣିରେ ଥଣ୍ଟ ଧୋଇ ପାଚିଲା କଲରା ଖାଇଦେଇ ଖୁସି ମନରେ ଉଡ଼ିଗଲା।

**(ଛ) କୁମ୍ଭାର କି କାମ କରେ ?**

ଉ. କୁମ୍ଭାର ଆମ ପାଇଁ ମାଟିର ଜିନିଷ ସବୁ ତିଆରି କରେ।

**(ଜ) କମାର ଆମ ପାଇଁ କ'ଣ ତିଆରି କରେ ?**

ଉ. କମାର ଆମ ପାଇଁ ଲୁହାରେ ତିଆରି ହାତହତିଆର ସବୁ ତିଆରି କରେ।

**(ଝ) ଏ ପାଠରୁ କ'ଣ ଶିକ୍ଷା ମିଳେ ?**

ଉ. ଏ ପାଠରୁ ଆମକୁ ଏହି ଶିକ୍ଷା ମିଳେ ଯେ କାମରେ ସଫଳତା ହାସଲ କରିବା ଯାଏ ଉଦ୍ୟମ କରିବା ଉଚିତ।

## ତୁମ ପରି ଛୋଟ ପିଲାଟିଏ

### ପରିଚ୍ଛେଦ - ୭

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**୧. ପିଲାଟି ଦେଖିବାକୁ କିପରି ?**

ଉ. ପିଲାଟି ଦେଖିବାକୁ ଡଉଲଡାଉଲ।

**୨. ପିଲାଟି କିପରି ତଳେ ପଡ଼ିଗଲା ?**

ଉ. ପିଲାଟି ବାଟରେ ଯାଉଥିବା ସମୟରେ ଗୋଡ଼ଖସି ପିଲାଟି ମୁହଁମାଡ଼ି ତଳେ ପଡ଼ିଗଲା।

**୩. ପିଲାଟି କେଉଁ ଛୁଟିରେ ସାଥୀମାନଙ୍କ ସହ ମିଶି ଗାଁ ଦାଣ୍ଡକୁ ସମତୁଲ କଲା ?**

ଉ. ପିଲାଟି ଦଶହରା ଛୁଟିରେ ସାଥୀମାନଙ୍କ ସହ ମିଶି ଗାଁ ଦାଣ୍ଡକୁ ସମତୁଲ କଲା।

**୪. ବଡ଼ ହୋଇ ପିଲାଟି କେଉଁ ନାମରେ ପରିଚିତ ହେଲା ?**

ଉ. ବଡ଼ ହୋଇ ପିଲାଟି ମଧୁବାରିଷ୍ଟର ନାମରେ ପରିଚିତ ହେଲା।

**୫. ପିଲାଟି ଗାଁ ଦାଣ୍ଡ କିପରି ସମତୁଲ କଲା ?**

ଉ. ପିଲାଟି ବାଲି, ଗୋଡ଼ି, ମାଟି ପକାଇ ସାଥୀ ପିଲାଙ୍କ ସହ ଗାଁ ଦାଣ୍ଡ ସମତୁଲ କଲା।



**ବାକ୍ୟ ଗଠନ କର।**

**ବୁଦ୍ଧି** – **ବୁଦ୍ଧି** ଖଟାଇ କାମ କର।

**କାଦୁଅ** – ବର୍ଷାଦିନେ ଗାଁ ଦାଣ୍ଡ **କାଦୁଅ** ହୋଇଥାଏ।

**ତରବର** – **ତରବର** ହୋଇ କୌଣସି କାମ କରନାହିଁ।

**ଚାହାଳି** – ଆମ ଗାଆଁ **ଚାହାଳି**ରେ ମୁଁ ପାଠ ପଢୁଥିଲି।

**ଗୁରୁ** – **ଗୁରୁ** ଆମର ନମସ୍ୟ।

**ଶୂନ୍ୟସ୍ଥାନ ପୂରଣ କର।**

୧. <u>ବାଟେ</u> ଯାଉଯାଉ ଖସିଗଲା ଗୋଡ଼।

୨. <u>ମୁହଁ</u> ମାଡ଼ି ତଳେ ଗଲା ପଡ଼ି।

୩. <u>ଗୁରୁଜୀ</u> ଦେଖିଲେ ଦେହ ତା'ର।

୪. <u>ମାଟି</u> କାଦୁଅରେ ସରସର।

୫. ତୁମପରି <u>**ଛୋଟ**</u> ପିଲାଟିଏ।

୬. <u>ଗାଆଁ</u> ଚାହଳିର ଚାଟ ସିଏ।

### ପରିଚ୍ଛେଦ - ୮

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**୧. ଶ୍ରବଣ କୁମାରଙ୍କ ବାପାମାଆ କିଭଳି ଥିଲେ ?**

ଉ. ଶ୍ରବଣ କୁମାରଙ୍କ ବାପା ଜଣେ ଋଷି ଥିଲେ। ତାଙ୍କ ବାପା ମାଆ ଉଭୟେ ଅନ୍ଧ ଅନ୍ଧୁଣୀ ଥିଲେ।

**୨. ଶ୍ରବଣ କୁମାରଙ୍କ ମୃତ୍ୟୁ କିପରି ହୋଇଥିଲା ?**

ଉ. ଶରଟି ଶ୍ରବଣଙ୍କ ଦେହରେ ବାଜିଲାରୁ ଛଟପଟ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା।

**୩. ପାଦଶବ୍ଦ ଶୁଣି ଶ୍ରବଣଙ୍କ ବାପା କ'ଣ କହିଥଲେ ?**

ଉ. ପାଦଶବ୍ଦ ଶୁଣି ଶ୍ରବଣଙ୍କ ବାପା ଭାବିଲେ ଶ୍ରବଣ ବୋଧେ ଆସୁଛି। ସେଥିପାଇଁ ସେ କହିଲେ କାହିଁକି ଏତେ ବିଳମ୍ବ କଲୁ ? ଶୀଘ୍ର ପାଣି ଦେ ଆମକୁ ଶୋଷ କରୁଛି।

**୪. ଶ୍ରବଣ କୁମାରଙ୍କ ବାପାମାଆଙ୍କୁ କିଏ ପାଣି ନେଇ ଦେଇଥିଲା ?**

ଉ. ଶ୍ରବଣ କୁମାରଙ୍କ ବାପା ମାଆଙ୍କୁ ଅଯୋଧ୍ୟାର ରାଜା ଦଶରଥ ପାଣି ନେଇ ଦେଇଥିଲେ।

**ବାକ୍ୟ ଗଠନ କର ।**

**ଅନ୍ଧ** – **ଅନ୍ଧ**କୁ ସାହାଯ୍ୟ କର।

**ଝରଣା** – **ଝରଣା** ପାଣି ଥଣ୍ଡା ଅଟେ।

**ଛଟପଟ** – ମାଛଟି ପାଣିରୁ ବାହାରି **ଛଟପଟ** ହେଉଛି।

**ବଣ** – **ବଣ**ରେ ବାଘଭାଲୁ ରୁହନ୍ତି।

**ବିଳମ୍ବ** – ପିଲାଟି **ବିଳମ୍ବ**ରେ ସ୍କୁଲରେ ପହଞ୍ଚିଲା।

**ଭାର** – ରଜ ବେଳେ ଗାଁରୁ **ଭାର** ଆସେ।

**ଶୂନ୍ୟସ୍ଥାନ ପୂରଣ କର।**

୧. ଶ୍ରବଣ କୁମାର ତା' ବାପା ମା'ଙ୍କର ଖୁବ୍ **ସେବା** କରୁଥିଲା।

୨. ବଣ ଭିତରେ ଯାଉ ଯାଉ ତା'ର ବାପା ମାଆଙ୍କୁ ଭାରି **ଶୋଷ** କରୁଥିଲା।

୩. **ଶରଟି** ଶ୍ରବଣ ଦେହରେ ଗଳିଗଲା।

୪. **ଦଶରଥ** ଋଷିଙ୍କୁ ଓ ତାଙ୍କ ସ୍ତ୍ରୀକୁ ପାଣି ଦେଇ ସବୁକଥା କହିଲେ।

## ଚାଷୀଠାରୁ ଦୁନିଆରେ ବଡ଼ ଆଉ କିଏରେ

### ପରିଚ୍ଛେଦ - ୭

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**୧. ଚାଷୀ କିପରି ଚାଷ କରେ ?**

ଉ. ଚାଷୀ କଳହଳ ଧରି ସାରଦେଇ ମଞ୍ଜି ବୁଣି ଚାଷ କରେ।

**୨. ଭୋଜିଭାତର ମହୋତ୍ସବ ଓ ଗହଳ ଚହଳ କେତେବେଳେ ହୋଇଥାଏ ?**

ଉ. ଚାଷୀ ଫସଲ ଅମଳ କରିବା ପରେ ଭୋଜିଭାତର ମହୋତ୍ସବ ହୋଇଥାଏ।

**୩. ଚାଷୀ ଫସଲ କାଟି କେଉଁଠାରେ ଜମା କରିଥାଏ ?**

ଉ. ଚାଷୀ ଫସଲ କାଟି ବୋହିଆଣି ଖଳାରେ ଜମା କରିଥାଏ।

**୪. ଦୁନିଆରେ ଚାଷୀକୁ ବଡ଼ ବୋଲି କାହିଁକି କୁହାଯାଇଛି ?**

ଉ. ଚାଷ କାମକରି ଚାଷୀ ସାରା ଦୁନିଆକୁ ଆହାର ଯୋଗାଉଥିବାରୁ ବଡ଼ ବୋଲି କୁହାଯାଇଛି।

**ବାକ୍ୟ ଗଠନ କର :**

**ଖଳା** – ଚାଷୀ ଧାନ **ଖଳା**ରେ ଜମାକରେ।

**ଅନ୍ନ** – ଆମେ ପ୍ରତିଦିନ **ଅନ୍ନ** ଖାଉ।

**ଦୁନିଆ** – ଚାଷୀକୁ **ଦୁନିଆ**ରେ ବଡ଼ ବୋଲି କୁହାଯାଏ।

**ସାର** – **ସାର** ଦେଲେ ଗଛ ଭଲ ହୁଏ।



**ଶୂନ୍ୟସ୍ଥାନ ପୂରଣ କର।**

୧. ବେଳ ଦେଖି ସାର ଦେଇ
**ବୁଣାବୁଣି** ସାରିବ।

୨. ଜାତି ଜାତି ଫସଲ ଯେ
**କିଆରି**ରେ ଲୋଟିବ।

୩. ଭୋଜିଭାତ **ମହୋତ୍ସବେ**
ଲାଗିଯିବ **ଗହଳ**।

## ରାଜା ଓ ଡାଳିମ୍ବ ବଗିଚା

### ପରିଚ୍ଛେଦ - ୭

**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।**

**୧. ଡାଳିମ୍ବ ବଗିଚାଟି ଦେଖିବାକୁ କିପରି ଥିଲା ?**

ଉ. ଡାଳିମ୍ବ ବଗିଚାର ଗଛମାନଙ୍କରେ ପାଚିଲା ଡାଳିମ୍ବ ସବୁ ଭର୍ତ୍ତି ହୋଇଥିଲା।

**୨. ରାଜା ନିଜ ଭୁଲ୍ ବୁଝିବା ପରେ ମାଳୀ ପୁଣିଥରେ ରାଜାଙ୍କୁ କିଭଳି ଡାଳିମ୍ବ ରସ ଦେଲା ?**

ଉ. ରାଜା ନିଜ ଭୁଲ ବୁଝିବା ପରେ ମାଳୀ କୁଡ଼ିଆକୁ ଯାଇ ଗୋଟିଏ ଡାଳିମ୍ବ ଚିପୁଡ଼ି ରସପୂର୍ଣ୍ଣ ପାତ୍ରଟି ରାଜାଙ୍କୁ ପିଇବାକୁ ଦେଇଥିଲା।

**୩. ରାଜାଙ୍କ ମନରେ ଲୋଭ ହେବାରୁ କେତୋଟି ଡାଳିମ୍ବ ଚିପୁଡ଼ିବାରୁ କେତେଟୋପା ରସ ବାହାରିଥିଲା ?**

ଉ. ରାଜାଙ୍କ ମନରେ ଲୋଭ ହେବାରୁ ପାଞ୍ଚଟି ଡାଳିମ୍ବ ଚିପୁଡ଼ିବାରୁ ମାତ୍ର ଅଳ୍ପ କେତେ ଟୋପା ରସ ବାହାରିଥିଲା।

**୪. ଡାଳିମ୍ବ ବଗିଚାରୁ ଅଧିକ ପାଉଣା ନିଆଯିବା କଥା ବୋଲି ରାଜା କାହିଁକି ଭାବିଲେ ?**

ଉ. ଡାଳିମ୍ବ ବଗିଚାଟି ଦେଖି ରାଜାଙ୍କ ମନରେ ଲୋଭ ହୋଇଥିଲା। ତେଣୁ ସେ ଭାବିଲେ ଡାଳିମ୍ବ ବଗିଚାରୁ ଅଧିକ ପାଉଣା ନିଆଯିବା ଉଚିତ।

**୫. ରାଜାଙ୍କୁ କେତେ ଖଜଣା ଦିଅ ବୋଲି ରାଜା ପଚାରିବାରୁ ମାଳୀଟି କ'ଣ ଉତ୍ତର ଦେଲା ?**

ଉ. ଲାଭର ଦଶଭାଗରୁ ଭାଗେ, ସେ ରାଜାଙ୍କୁ ଖଜଣା ଦିଏ ବୋଲି ମାଳୀ ରାଜାଙ୍କୁ ଉତ୍ତର ଦେଲା।

**ବିପରୀତ ଶବ୍ଦ ଲେଖ।**

**ଲୋଭ** – ନିର୍ଲୋଭ

**ଆନନ୍ଦ** – ନିରାନନ୍ଦ

ବାକ୍ୟ ଗଠନ କର ।

**ଶୋଷ** – ପିଲାଟିକୁ **ଶୋଷ** ଲାଗୁଛି ।

**ପୂର୍ଣ୍ଣ** – ମାଠିଆ ପାଣିରେ **ପୂର୍ଣ୍ଣ** ହୋଇଛି ।

**ପାଉଣା** – ମାଲିକ ଚାକରମାନଙ୍କର **ପାଉଣା** ଦେଲେ ।

**ମାଟିପାତ୍ର** – ମୁଁ **ମାଟିପାତ୍ର**ରେ ଗଛ ଲଗାଇଛି ।

**ମାଳୀ** – **ମାଳୀ** ବଗିଚାରେ କାମକରେ ।

**ଦାବି** – ପିଲାଟି ସାଇକେଲ କିଣିବା ପାଇଁ **ଦାବି** କରୁଛି ।

**ରାଜଧାନୀ** – ଓଡ଼ିଶାର **ରାଜଧାନୀ** ଭୁବନେଶ୍ୱର ।

## ମଧୁବାବୁ

### ପରିଚ୍ଛେଦ - ୧୧

ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**୧. ମଧୁବାବୁ କାହାର ମୂଲ୍ୟ ବେଶୀ ଜାଣିଥିଲେ ଓ ସେହି ଅନୁସାରେ କିପରି କାମ କରୁଥିଲେ ?**

ଉ. ମଧୁବାବୁ ସମୟର ମୂଲ୍ୟ ଖୁବ୍‌ବେଶୀ ବୋଲି ଜାଣିଥିଲେ । ତେଣୁ ଯଥା ସମୟରେ ତାଙ୍କ କାର୍ଯ୍ୟ କରୁଥିଲେ ।

**୨. କେନ୍ଦୁଝର ରାଜା ମଧୁବାବୁଙ୍କୁ ସାକ୍ଷାତ୍ କରିବାକୁ କେଉଁ ସମୟ ଦେଇଥିଲେ ?**

ଉ. କେନ୍ଦୁଝର ରାଜା ମଧୁବାବୁଙ୍କୁ ସକାଳ ଆଠଘଣ୍ଟାରେ ସାକ୍ଷାତ କରିବାକୁ ସମୟ ଦେଇଥିଲେ ।

**୩. କାନ୍ଥରେ ଝୁଲୁଥିବା ଘଣ୍ଟାଟିର ଦାମ୍ କେତେବୋଲି ରାଜା କାହାକୁ ଉତ୍ତର ଦେଲେ ?**

ଉ. କାନ୍ଥରେ ଝୁଲୁଥିବା ଘଣ୍ଟାଟିର ଦାମ୍ ଶହେଟଙ୍କା ବୋଲି କେନ୍ଦୁଝର ରାଜା ମଧୁବାବୁଙ୍କୁ ଜଣାଇଥିଲେ ।

**୪. ପ୍ରାୟ କେତେ ସମୟ ପରେ କେନ୍ଦୁଝରର ରାଜା ମଧୁବାବୁଙ୍କୁ ଭିତରକୁ ଡକାଇ ପଠାଇଲେ ?**

ଉ. ପ୍ରାୟ ଦେଢ ଘଣ୍ଟା ପରେ ମଧୁବାବୁଙ୍କୁ କେନ୍ଦୁଝରର ରାଜା ଡକାଇ ପଠାଇଥିଲେ ।

**୫. ମଧୁବାବୁ କେଉଁ ବିଷୟ ସହ୍ୟ କରି ପାରୁ ନଥିଲେ ଓ ତା' ବଦଳରେ କ'ଣ କରୁଥିଲେ ?**

ଉ. ମଧୁବାବୁ ଯେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି କାହା ନିକଟରେ କିଛି ଦୋଷ ଦେଖିଲେ ସହଜରେ ସହ୍ୟ କରି ପାରୁନ ଥିଲେ । ମୁହେଁ ମୁହେଁ ବତାଇ ଦେଉଥିଲେ ।

ବାକ୍ୟ ଗଠନ କର ।

**ବାରିଷ୍ଟର** – ମଧୁବାବୁ ଓଡ଼ିଶାର ପ୍ରଥମ **ବାରିଷ୍ଟର** ଥିଲେ ।



**ଚପରାସୀ** – ଚପରାସୀଟି ଅଫିସରଙ୍କୁ କାମରେ ସାହାଯ୍ୟ କରେ ।

**ଅକଲ** – ପିଲାଟି ତା'ର **ଅକଲ** ଖଟାଇ କାମ କରେ ।

**ମୂଲ୍ୟ** – ସୁନା ଏକ **ମୂଲ୍ୟ**ବାନ ପଦାର୍ଥ ।

**ଅପେକ୍ଷା** – ସମୟ କାହାକୁ **ଅପେକ୍ଷା** କରେ ନାହିଁ ।

## କଲୁରୀ ବେଣ୍ଟ କଥା

### ପରିଚ୍ଛେଦ - ୧୨

ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

**୧. ବୁଢ଼ୀ ତା' ବାଡ଼ିରେ କେଉଁ ମଞ୍ଜି ଲଗାଇଥିଲା ଓ ଗଛ ଲଟାଇବା ପାଇଁ କ'ଣ କରୁଥିଲା ?**

ଉ. ବୁଢ଼ୀ ତା' ବାଡ଼ିରେ କଲରା ମଞ୍ଜିଟିଏ ଲଗାଇ ଗଛ ଉଠି ଲଟାଇବା ପାଇଁ ଗୋଟିଏ ମଂଚା ବାନ୍ଧିଥିଲା ।

**୨. କୁଆ କ'ଣ ଖାଇବା ପାଇଁ ଇଚ୍ଛାକରି ବୁଢ଼ୀକୁ କ'ଣ କଲା ?**

ଉ. କୁଆ ଲାଲ୍ ଟହଟହ କଲରା ଖାଇବାକୁ ଇଚ୍ଛାକରି ବୁଢ଼ୀକୁ କଲାଟିଏ ଖାଇବାକୁ ମାଗିଲା ।

**୩. କାଉ ବିଲକୁ ମାଟି ମାଗିବାରୁ ବିଲ କ'ଣ ଉତ୍ତର ଦେଲା ?**

ଉ. କାଉ ବିଲକୁ ମାଟି ମାଗିବାରୁ ବିଲ କହିଲା ମିରିଗ ଶିଙ୍ଗ ଆଣିଲେ ମାଟି ଖୋଳିନେବୁ ।

**୪. କାଉ ଗାଈ ପାଖକୁ କାହିଁକି ଯାଇଥିଲା ?**

ଉ. କାଉ କାଳିଗାଈ ପାଖକୁ ଦୁଧ ଆଣିବାକୁ ଯାଇଥିଲା । ଯାହାକୁ ପିଇବା ପରେ ମିରିଗ ବଳପାଇ ମାଟି ଖୋଳିବାକୁ ଶିଙ୍ଗ ଦେଇଥାନ୍ତା ।

**୫. ହିଡ଼କୁ ଘାସ ମାଗିବାରୁ ହିଡ଼ କାଉକୁ କ'ଣ ଉତ୍ତର ଦେଲା ?**

ଉ. ହିଡ଼କୁ ଘାସ ମାଗିବାରୁ ହିଡ଼ କାଉକୁ କହିଲା କମାର ଘରୁ ଦାଆ ଆଣିଲେ ମୋର ଘାସ କାଟି ନେବୁ ।

ଶୂନ୍ୟସ୍ଥାନ ପୂରଣ କର ।

୧. କାଳିଗାଈ କଅଁଳ ଘାସ ଖାଇ **ଦୁଧ ଦେଲା** ।

୨. କୁମ୍ଭାର **କଳସ** ଗଢ଼ିଦେଲା ।

୩. କୁଆ ପାଚିଲା **କଲରା** ଖାଇଦେଇ ଖୁସିରେ **ଉଡ଼ିଗଲା** ।

୪. କାମରେ **ସଫଳତା** ହାସଲ କରିବା ଯାଏ **ଉଦ୍ୟମ** କରିବା କାଉ ଶିଖାଇ ଦେଲା ।

❑❑❑